# OBSERVATION OFROAD SAFETY WEEK (23$^{RD}$ APRIL TO 29$^{TH}$ APRIL 2018)

## Venue: Room No.-3

IIC Nirmal Chandra Panigrahi was invited as the Chief Speaker who spoke about the violation of traffic rules. The Theme was Sadak Suraksha - Jeevan Raksha. About 124 students participated in the event on 28$^{th}$ April 2018.



# ସଡ଼କ ସୁରକ୍ଷା ନେଇ ଶପଥ ନେଲେ ଛାତ୍ରୀଛାତ୍ର



ସଚେତନତା ସଭାରେ ଯୋଗ ଦେଇଥିବା ଛାତ୍ରୀଛାତ୍ର ।

**ଗୁଣପୁର,୨୮।୪(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର କଲେଜଠାରେ ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ଶନିବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜରଏନଏସଏସ ୟୁନିଟ ଏବଂ ଗୁଣପୁର ପୋଲିସ ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରିନ୍ସପାଲ ମୋହନଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ । ଆଇଆଇସି ନିର୍ମଳଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ୧୮ ବର୍ଷରୁ କମ ପିଲା ବାଇକ ନ ଚଳାଇବା, ଦ୍ରୁତ ଗତିରେ ବାଇକ ନ ଚଳାଇବା, ବାଇକ ଚଳାଇବା ସମୟରେ ହେଲମେଟ ପିନ୍ଧିବା, ବାଇକରେ ଦୁଇର ଅଧିକ ନ ଯିବା ନେଇ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୋଲିସ ଏସଆଇ ଧିରେନ ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିଲେ । ଏନଏସଏସର ଜିଲା ପ୍ରୋଗ୍ରାମ ଅଫିସର ଶଶୀଭୂଷଣ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ଡ.ସୂର୍ଯ୍ୟ ନାରାୟଣ ପଣ୍ଡା ଧନ୍ୟବାଦ ଦେଇଥିଲେ । ଅଧ୍ୟାପିକା ଡ. ଜୟଶ୍ରୀ ଜେଟି ଏବଂ ଅମିୟ ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଛାତ୍ରୀଛାତ୍ରଙ୍କୁ ନେଇ ସଡକ ସୁରକ୍ଷା ନେଇ ଶପଥ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ୨ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ ।